## ନିର୍ଦ୍ଧାରିତ ଦରଠାରୁ ଅଧିକ ବସ୍ ଭଡ଼ା ଆଦାୟ

# ପ୍ରତିବାଦରେ ତିହିଡ଼ିରେ ବସ୍‌ରୋକ ଆନ୍ଦୋଳନ

### ଯାତ୍ରୀ ସଚେତନ ହେବାକୁ ତିହିଡ଼ି ଜନସାଧାରଣ ଅଧିକାର ମଞ୍ଚର ଆହ୍ୱାନ

ତିହିଡ଼ି,୩୧।୩(ସମିସ)



ଅଧିକ ବସ୍ ଭଡ଼ା ଆଦାୟ ପ୍ରତିବାଦରେ ତିହିଡ଼ି ଜନସାଧାରଣ ଅଧିକାର ମଞ୍ଚ ତରଫରୁ ମଙ୍ଗଳବାର ଅନୁଷ୍ଠିତ ବସ୍ ରୋକ୍ ଆନ୍ଦୋଳନ ସଫଳ ହୋଇଛି। ନିର୍ଦ୍ଧାରିତ ଭଡ଼ାଠାରୁ ଅଧିକ ବସ୍ ଭଡ଼ା ଦୀର୍ଘ ବର୍ଷ ହେଲା ନିଆଯାଉଛି ଓ ବସ୍‌ରେ ଭଡ଼ା ତାଲିକା ମରାଯାଉ ନାହିଁ କି ବସ୍‌ର ପ୍ରକାର ଭେଦ ମଧ୍ୟ ଲେଖାଯାଉ ନାହିଁ ବୋଲି ଅଧିକାର ମଞ୍ଚ ଦୀର୍ଘଦିନ ହେଲା ଅଭିଯୋଗ କରିଆସୁଥିଲା। ପୂର୍ବ ସୂଚନା ମୁତାବକ ମଙ୍ଗଳବାର ଅଧିକାର ମଞ୍ଚର ବିଷ୍ଣୁ ଦାଶ, ସତ୍ୟବ୍ରତ କୁଣ୍ଡ, ଭାଗବତ ସେନାପତି, ମନମୋହନ କୁଣ୍ଡ, ବାବୁରାମ ମଲ୍ଲିକ, କୃଷ୍ଣଚନ୍ଦ୍ର ମଲ୍ଲିକ, ବିଜୟ ମଲ୍ଲିକ, ପୁରୁଷୋତ୍ତମ ସାହୁ ପ୍ରମୁଖ ତିହିଡ଼ି ବଜାରରେ ବସ୍ ରହିଥିଲେ। ଫଳରେ ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥରେ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଏଠାରେ ପଥପ୍ରାନ୍ତ ସଭା ମଧ୍ୟ କରାଯାଇଥିଲା। ସାଧାରଣ ଯାତ୍ରୀଙ୍କୁ କେଉଁପରି ଭାବେ ଶୋଷଣ କରାଯାଉଛି ସେ ନେଇ ବକ୍ତାମାନେ ସଚେତନ କରିଥିଲେ। ଭଦ୍ରକ ଜିଲ୍ଲା ପରିବହନ ଅଧିକାରୀ, ମୋଟର ଯାନ ନିରୀକ୍ଷକ ତିହିଡ଼ିରେ ପହଞ୍ଚି ତିହିଡ଼ି ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କ ଉପସ୍ଥିତିରେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ସରକାରୀ ଧାର୍ଯ୍ୟ ଦରରେ ଯାତ୍ରୀଙ୍କ ପାଖରୁ ଭଡ଼ା ଆଦାୟ କରାଯିବ, ଯାତ୍ରୀଙ୍କ ସହ ଦୁର୍ବ୍ୟବହାର କରାଯିବ ନାହିଁ ଓ ସର୍ବୋପରି ବସରେ ଭଡ଼ା ତାଲିକା ଯାତ୍ରୀଙ୍କ ଦେଖିବା ଭଳି ସ୍ଥାନରେ ବାଧ୍ୟତାମୂଳକ ମରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସୂଚନାଯୋଗ୍ୟ, ଗତ ଜାନୁଆରୀ ୨୪ ତାରିଖରେ ଅଧିକ ବସ୍ ଭଡ଼ା ଆଦାୟର ପ୍ରତିବାଦ କରି ତିହିଡ଼ି ଜନସାଧାରଣ ଅଧିକାର ମଞ୍ଚ ଆନ୍ଦୋଳନ ଡକରା ଦେଇଥିଲା। ତେବେ ତିହିଡ଼ି ଥାନା ଅଧିକାରୀଙ୍କ ଉଦ୍ୟମ ଫଳରେ ବସ୍ ମାଲିକ ସିଣ୍ଡିକେଟ୍ ଓ ତିହିଡ଼ି ଜନସାଧାରଣ ମଞ୍ଚର ସଭ୍ୟମାନଙ୍କ ମଧ୍ୟରେ ଆଲୋଚନା ହୋଇ ଅଧିକ ଭଡ଼ା ଆଦାୟ କରାଯିବ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା। ହେଲେ ଏ ପ୍ରତିଶ୍ରୁତି ପାଳନ କରାଗଲା ନାହିଁ। ବରଂ ଯାତ୍ରୀଙ୍କଠାରୁ ସେହି ଅଧିକ ଭଡ଼ା ଆଦାୟ କରାଗଲା ଓ ପ୍ରତିବାଦ କଲେ ସେମାନଙ୍କ ସହ ଦୁର୍ବ୍ୟବହାର କରାଗଲା ବୋଲି ମଞ୍ଚ ଅଭିଯୋଗ କରିବା ସହ ଆନ୍ଦୋଳନ ପାଇଁ ଚେତାବନୀ ଦେଇଥିଲା। ଯାତ୍ରୀମାନେ ସଚେତନ ହେବାକୁ ତିହିଡ଼ି ନାଗରିକ ମଞ୍ଚ ତରଫରୁ ଅନୁରୋଧ କରାଯାଇଛି।

## ଟ୍ରାକ୍ଟର ଧକ୍କାରେ ଯୁବକ ମୃତ

ବାରିକପୁର,୩୧।୩(ସମିସ): ଭଣ୍ଡାରିପୋଖରୀ ଥାନା ମାଳଦା ପଞ୍ଚାୟତ ରଘୁନାଥପୁର ଗ୍ରାମର ମଣି ମାଝିଙ୍କ ପୁଅ କାଳନ୍ଦୀ(୨୧)ଙ୍କର ଟ୍ରାକ୍ଟର ଧକ୍କାରେ ଶୋଚନୀୟ ମୃତ୍ୟୁ ଘଟିଛି। ମଙ୍ଗଳବାର ସକାଳୁ କାଳନ୍ଦୀ ଯାଜପୁର ସହର ନିକଟବର୍ତ୍ତୀ ମଙ୍ଗଳପୁରଠାରୁ ଚାଲିଚାଲି ଘରକୁ ଆସୁଥିବାବେଳେ ଦ୍ରୁତଗାମୀ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକମାନେ ମେଡିକାଲକୁ ଆଣିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କାଳନ୍ଦୀଙ୍କ ଅକାଳ ବିୟୋଗକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ସାମାନ୍ୟ ବଚସାରୁ ଛୁରାମାଡ଼; ଯୁବକ ଗୁରୁତର

ଭଦ୍ରକ,୩୧।୩(ସମିସ): ଭଦ୍ରକ ଜିଲ୍ଲା ବନ୍ତ ଥାନା ଅଞ୍ଚଳରେ କଥା କଟାକଟିରୁ ଛୁରାମାଡ଼। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବାବେଳେ ଘଟଣାରେ ସମ୍ପୃକ୍ତ ୨ ଜଣଙ୍କୁ ଅଟକ ରଖିଛି। ଛୁରାମାଡ଼ରେ ଗୁରୁତର ବ୍ୟକ୍ତି କଟକ ମେଡିକାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ସୋମବାର ଧନିଓଝା ଗାଁର ବାଦଲ ଯେନା, ଆପଣ୍ଡା ଗ୍ରାମର ଶୁଭଙ୍କର ମୁଖି ଏବଂ ବରକୋଣା ଗ୍ରାମର ଶକ୍ତି ରଞ୍ଜନ ଯେନା ମିଳିମିଶି ନିକଟସ୍ଥ ଅଞ୍ଚଳକୁ ଟେଣ୍ଟ କାର୍ଯ୍ୟ କରିବାକୁ ଯାଇଥିଲେ। କାର୍ଯ୍ୟ କରୁଥିବା ସମୟରେ ବାଦଲ ଏବଂ ଶୁଭଙ୍କର ସହିତ ଶକ୍ତି ରଞ୍ଜନଙ୍କର କୌଣସି କାରଣକୁ ନେଇ ଝଗଡ଼ା ହୋଇଥିଲା। କାର୍ଯ୍ୟ ସାରି ଘରକୁ ଫେରୁଥିବାବେଳେ ରାତି ପ୍ରାୟ ୧୦ଟାରେ ବାଦଲ ଏବଂ ଶୁଭଙ୍କରଙ୍କୁ ବରକୋଣା ସ୍କୁଲ ନିକଟରେ ଶକ୍ତି ରଞ୍ଜନ ଏବଂ ତାଙ୍କ ଗ୍ରାମର ଚନ୍ଦ୍ରକାନ୍ତ ଯେନା ମିଶି ଛୁରିରେ ଆକ୍ରମଣ କରିଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ କୋଳିପଦି ଗ୍ରାମବାସୀ ଉଦ୍ଧାର କରି ପ୍ରଥମେ ବରପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। କିନ୍ତୁ ବାଦଲଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ କଟକ ମେଡିକାଲ ସ୍ଥାନାନ୍ତର କରାଯାଇଛି। ମଙ୍ଗଳବାର ବାଦଲଙ୍କ ଦାଦା ସୁବାସ ଯେନାଙ୍କ ଲିଖିତ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା(ନଂ-୧୧୮/୨୬) ରୁଜୁ କରିଛି। ଅଭିଯୁକ୍ତ ଶକ୍ତିରଞ୍ଜନ ଏବଂ ଚନ୍ଦ୍ରକାନ୍ତଙ୍କୁ ପୁଲିସ ଅଟକ ରଖିଥିବାବେଳେ ଆକ୍ରମଣରେ ବ୍ୟବହୃତ ଛୁରିକୁ ଜବତ ହୋଇଥିବା ଜଣାଯାଇଛି। ମଙ୍ଗଳବାର ଅପରାହ୍ଣରେ ଭଦ୍ରକରୁ ସାଇଣ୍ଟିଫିକ୍ ଟିମ୍ ବରକୋଣା ଗ୍ରାମରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ମହାବୀରଙ୍କ ନବମ ବାର୍ଷିକ ଉତ୍ସବ

ବାରିକପୁର,୩୧।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରହଣିଆ ପଞ୍ଚାୟତ ଆକୁଳିକଣାଠାରେ ବଜରଙ୍ଗବାଲୀ ହନୁମାନ ମହାବୀରଙ୍କ ୯ମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ତପନ କୁମାର ପାଢ଼ୀ, ପ୍ରଫୁଲ୍ଲ ପଣ୍ଡା, ବାବୁଲା ପଣ୍ଡା ପ୍ରମୁଖ ବୈଦିକ ରୀତିନୀତି ଅନୁଯାୟୀ ହନୁମାନଙ୍କ ପୂଜାର୍ଚ୍ଚନା କରିଥିଲେ। ପୀଠରେ ବେଦମନ୍ତ୍ର ପାଠ, ହନୁମାନ ଚାଳିଶା ଓ ହୋମଯଜ୍ଞ ଆୟୋଜିତ ହୋଇଥିଲା। ଏଥିରେ ସଂକଳ୍ପ କର୍ତ୍ତା ଭାବେ ବୀରେନ୍ଦ୍ର କୁମାର ବରାଳ ଓ ବିଦ୍ୟୁତ୍‌ପ୍ରଭା ବରାଳ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ ପ୍ରଦୀପ ସାମଲଙ୍କ ସଞ୍ଚାଳନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସମାଜସେବୀ ପ୍ରଦ୍ୟୁମ୍ନ ଜେନା, ଅକ୍ଷୟ ସାହୁ, ଶିକ୍ଷାବିତ୍ ନରେନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଯୁବ ନେତା ଶିବାନୀ ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ପୂଜା ଉତ୍ସବ ଉପଲକ୍ଷେ ମହିଳା ବାଦୀପାଲା ଅନୁଷ୍ଠିତ ହୋଇଥିଲା। ଉତ୍ସବକୁ ଗ୍ରାମବାସୀମାନେ ପରିଚାଳନା କରିଥିଲେ।

## କଳା ସଂସ୍କୃତି ସଂଘର ଚତୁର୍ଦ୍ଦଶ ବାର୍ଷିକ ସମ୍ମିଳନୀ

ବାରିକପୁର,୩୧।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରାଜେନ୍ଦ୍ରପୁର ପଞ୍ଚାୟତ ଥଇଲାଠାରେ ମଣ୍ଡଳସ୍ତରୀୟ ପାଲା ଗାୟକ ପରିଷଦ ଓ କଳା ସଂସ୍କୃତି ସଂଘର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଉମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜନ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭଦ୍ରକ-ବାଲେଶ୍ୱର ଜିଲ୍ଲା ପାଲା ପରିଷଦ ସଭାପତି ରାଜକିଶୋର ନାୟକ, ଜିଲ୍ଲା କଳା ସଂସ୍କୃତି ସଂଘ ସଭାପତି ତ୍ରିଲୋଚନ ପଣ୍ଡା, ସ୍ଥାନୀୟ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝୀ, ଗଣେଶ ଭାରତୀ, ସଞ୍ଜୟ ସାହୁ ପ୍ରମୁଖ ଯୋଗଦେଇ ଲୋକ କଳା ପାଲା ସଂସ୍କୃତି ବିଷୟରେ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଗାୟକ ପ୍ରାଣକୃଷ୍ଣ ସାହୁ, ସରସ୍ୱତୀ ରାଉତ, ହରପ୍ରିୟା ଦାସ, ଗାୟତ୍ରୀ ବେହେରା ପ୍ରମୁଖ ପାଲା ପରିବେଷଣ କରିଥିଲେ। ଏହାଛଡ଼ା ପାଲା ଓ ସଂକୀର୍ତ୍ତନ ଅନୁଷ୍ଠାନର ଦକ୍ଷ କଳାକାରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଆୟୋଜିତ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମକୁ ବ୍ଲକ୍ କଳା ସଂସ୍କୃତି ସଂଘର ସଭାପତି ରବୀନ୍ଦ୍ର ଜେନା, ଗୋପୀନାଥ ଜେନା, ନିରଞ୍ଜନ ବାରିକ, ପ୍ରାଣକୃଷ୍ଣ ସାହୁ, ନୃସିଂହ ଚରଣ ଜେନା, ଦୁଃଶାସନ ବାରିକ, ମାଧବ ଦାସ ପ୍ରମୁଖ ପରିଚାଳନା କରିଥିବାବେଳେ ସଞ୍ଜୟ ସାହୁ ଧନ୍ୟବାଦ ଦେଇଥିଲେ।

## ସାନ ସରକାର ବାବାଙ୍କ ବାର୍ଷିକ ଫାତେହା ପ୍ରସ୍ତୁତି

ଭଦ୍ରକ,୩୧।୩(ସମିସ): ଭଦ୍ରକ ବାଇପାସ୍ ରୋଡ୍‌ସ୍ଥିତ ଖାନକାହା ପରିସରରେ ଗୁଲ୍‌ସନେ ଗୌସପାକ ଟ୍ରଷ୍ଟର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ହୋଇଥିଲା। ଏହି ବୈଠକ ଟ୍ରଷ୍ଟର ସଭାପତି ହାଜୀ ଓ ହାଫିଜ୍ ଶେଖ୍ ମହମ୍ମଦ ଇସହାକଙ୍କ ସଭାପତିତ୍ୱରେ ଓ ସମ୍ପାଦକ ଶେଖ୍ ଅତା ମୋହିଦ୍ଦିନଙ୍କ ସହଯୋଗରେ ଆରମ୍ଭ ହୋଇଥିଲା। ଚଳିତ ବର୍ଷ ସୁଫି ହଜରତ ସୈୟଦ ଶାହା ଓସୀମ ଅଖତର କାଦରୀ ଓରଫ ସାନ ସରକାର (ମାମାଜାନ)ଙ୍କ ୧୩ତମ ଫାତେହା ଉତ୍ସବ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ଏପ୍ରିଲ ୫ରେ ପାଳନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକର ନିଷ୍ପତ୍ତି ଅନୁଯାୟୀ, ଉତ୍ସବ ପୂର୍ବ ଦିନ ଅର୍ଥାତ୍ ୪ ତାରିଖ ଅପରାହ୍ଣ ୪ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବାବାଙ୍କ ଭକ୍ତମାନେ ଖାନକାହା କମିଟିଠାରେ ଫାତେହା ଉତ୍ସବ ପାଇଁ ଫଳ ସାମଗ୍ରୀ ପହଞ୍ଚାଇଦେବେ ଓ ରାତି ୧୧ଟାରୁ ଫଳ ସାମଗ୍ରୀ କଟା ଆରମ୍ଭ ହେବ ଓ ଅର୍ଦ୍ଧରାତ୍ରିରୁ ବାବାଙ୍କ ସ୍ନାନ (ଗୋସଲଖାନୀ) ପରେ କମିଟିର ଚାଦର ଚଢ଼ାଇବେ। ୫ ତାରିଖ ସକାଳ ନମାଜ ପାଠ ପରେ କୁରାନଖାନୀ, ମିଲାଦ ସରିଫ୍ ଓ ଫାତେହାର ଆୟୋଜନ କରାଯିବ। ଫାତେହା ପରେ ଭକ୍ତଙ୍କୁ ପ୍ରସାଦ(ଶିରିଣୀ) ବଣ୍ଟନ କରାଯିବ ଓ ଫାତେହା ପରେ ଆମ ରାଜ୍ୟ ସହିତ ଭାରତର କୋଣ ଅନୁକୋଣରୁ ଲକ୍ଷାଧିକ ଭକ୍ତ ବାବାଙ୍କ ସମାଧିରେ ଚାଦର ଚଢ଼ାଇ ଦର୍ଶନ କରିପାରିବେ। ବାହାରୁ ଆସୁଥିବା ବାବାଙ୍କ ଭକ୍ତମାନଙ୍କ ପାଇଁ ସୁବ୍ୟବସ୍ଥା, ଯାତାୟାତ ପାଇଁ ଖାନକାହା ଟ୍ରଷ୍ଟ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଛନ୍ତି। ଏହି ବୈଠକରେ ଟ୍ରଷ୍ଟର ସମସ୍ତ ସଭ୍ୟ ଯୋଗଦେଇଥିଲେ ଓ ଖାନକାହାଠାରେ ସମସ୍ତ ଧର୍ମର ଭକ୍ତ ଯୋଗଦେଇପାରିବେ। ଏଠି କୌଣସି ଭେଦଭାବ ନାହିଁ ଓ ଭାଇଚାରା ସହର ଭଦ୍ରକ ଖାନକାହାଠାରେ ଶାନ୍ତିଶୃଙ୍ଖଳା ସହିତ ଫାତେହା ଉତ୍ସବ ପାଳନ କରିବାକୁ ଟ୍ରଷ୍ଟର ସମ୍ପାଦକ ଶେଖ୍ ଅତା ମୋହିଉଦ୍ଦିନ ସମସ୍ତଙ୍କୁ ନିବେଦନ କରିଛନ୍ତି।

## ସାମ୍ବାଦିକ ମଦନମୋହନ ଦାସଙ୍କ ସ୍ମୃତିସଭା



ଦୋବଲ,୩୧।୩(ସମିସ): ସାମ୍ବାଦିକ, ସମାଜସେବୀ ତଥା ସୂଚନା ଅଧିକାର କର୍ମୀ ମଦନମୋହନ ଦାସଙ୍କ ଏକାଦଶାହ ଅବସରରେ ଧାମନଗର ବ୍ଲକ୍ କାଞ୍ଜିଆପାଳସ୍ଥିତ ତାଙ୍କ ଜନ୍ମମାଟିଠାରେ ଏକ ଭାବପୂର୍ଣ୍ଣ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଦେବାଶିଷ ସାମଲଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଭାର ପ୍ରାରମ୍ଭରେ ବେଦ ଶାସ୍ତ୍ରୀ ପଣ୍ଡିତ ସୁଧାକର ଖୁଣ୍ଟିଆ ବେଦପାଠ କରି ପରିବେଶକୁ ଅଧ୍ୟାତ୍ମ୍ୟ କରିଥିଲେ। ଏହି ସଭାରେ ଯୋଗଦେଇଥିବା ଅତିଥିମାନେ ସ୍ୱର୍ଗତ ଦାସଙ୍କ ଜୀବନୀ ଓ କାର୍ଯ୍ୟାବଳୀ ଉପରେ ଆଲୋକପାତ କରିଥିଲେ। ମଦନ ବାବୁ ଜଣେ ନିର୍ଭୀକ ସାମ୍ବାଦିକ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସେ ସର୍ବଦା ସତ୍ୟ ଓ ନ୍ୟାୟ ମାର୍ଗରେ ଚାଲିବା ସହ ସରକାରୀ ଯୋଜନାର ସଫଳ ରୂପାୟଣ ଓ ସ୍ୱଚ୍ଛତା ପାଇଁ ଜଣେ ସୁରକ୍ଷାକର୍ତ୍ତା ସଦୃଶ କାର୍ଯ୍ୟ କରୁଥିଲେ। ନିଜ ଅଞ୍ଚଳ ତଥା ଗାଁର ବିକାଶ ପାଇଁ ସେ ସର୍ବଦା ଚିନ୍ତାଶୀଳ ଥିଲେ। ତାଙ୍କର ବିୟୋଗ ଧାମନଗର ଅଞ୍ଚଳ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ଅନନ୍ତ ପ୍ରସାଦ ସେଠୀ, ଧାମନଗର ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ଅଶୋକ ନାୟକ, ବିଜେଡି ନେତା ପ୍ରତାପ ସାମଲ, ପୂର୍ବତନ ସରପଞ୍ଚ ବିଜୟ ଦାସ, ଶରତ ଚନ୍ଦ୍ର ମାଝୀ, ଅମିୟ ମହାନ୍ତି, ନରୋତ୍ତମ ଯେନା, ସାମ୍ବାଦିକ ପ୍ରଦୀପ ମହାପାତ୍ର, କିଶାନ ରାଉତ, ରଜତ ପଣ୍ଡା ଓ କଂଗ୍ରେସ ନେତା ସଞ୍ଜୟ ମିଶ୍ର, ଶିକ୍ଷାବିତ୍ ହୃଦାନନ୍ଦ କର, ମନୋଜ ଜେନା, ମଦନମୋହନ ପାଣିଗ୍ରାହୀ, ସମାଜସେବୀ ସେକ୍ ତାଜୁଦ୍ଦିନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସ୍ଥାନୀୟ ଶୁଭେଚ୍ଛୁ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ନିଖିଳ ଉତ୍କଳ ଗୋଲା ସମାଜର ରାଜ୍ୟସ୍ତରୀୟ ସମ୍ମିଳନୀ

ଭଦ୍ରକ,୩୧।୩(ସମିସ): ଭଦ୍ରକ ଜିଲ୍ଲା ଲକ୍ଷ୍ମୀନାରାୟଣ ଗୋଲା ମହାସଂଘ ଆନୁକୂଲ୍ୟରେ ଇଚ୍ଛାପୁର ନିକଟ ଭବାନୀବିନ୍ଧା ଗଣେଶ ମଣ୍ଡପରେ ନିଖିଳ ଉତ୍କଳ ଗୋଲା ସମାଜର ଏକ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଯଶୋବନ୍ତ ବେହେରା ଅଧ୍ୟକ୍ଷତା କରିଥିବାବେଳେ ସଭା ସଞ୍ଚାଳନା କରିଥିଲେ ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ପ୍ରାଧ୍ୟାପକ ଶିବ ଚରଣ ଖାମୁରାଇ। ମୁଖ୍ୟ ଅତିଥି ଭାବେ "ବୋଲଗଡ଼ର ଇତିହାସ' ରଚୟିତା ସମାଜସେବୀ ରବିନ୍ଦ୍ର କୁମାର ପରିଡ଼ା ଯୋଗଦେଇ ଗୋଲା ଜାତି ଏକ କୃଷିଭିତ୍ତିକ ଜାତି, ଚାଷବାସ ହେଉଛି ସେମାନଙ୍କର ପ୍ରଧାନ ବୃତ୍ତି। ଧରିତ୍ରୀ ବକ୍ଷରେ ସୁନାର ଫସଲ ଉତ୍ପନ୍ନ କରି ମାଟିକୁ ଶସ୍ୟଶ୍ୟାମଳା କରିବା ସହ ଦେଶକୁ ଖାଦ୍ୟଶସ୍ୟ ଯୋଗାଣ କରିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସୋନପୁର ବିନିକାର ପ୍ରାକ୍ତନ ଅଧ୍ୟକ୍ଷ ଉଷତ୍ କର, ବିଶିଷ୍ଟ ଅତିଥି ଭାବେ ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ହରିହର ଦାସ, ସମ୍ମାନିତ ଅତିଥିଭାବେ ନୟାଗଡ଼ ଜିଲ୍ଲାରୁ ସମାଜସେବୀ ସ୍ନେହରଞ୍ଜନ ଜୟସିଂ, ସେବତୀ ପରିଡ଼ା, ଗଞ୍ଜାମରୁ ଜୟଦେବ ଜେନା, କଳାହାଣ୍ଡିରୁ ଜିତେନ୍ଦ୍ର ମହାନ୍ତି, ବାଲେଶ୍ୱରରୁ ଅଧ୍ୟାପକ ବିଜୟ ଘୋଷ, ନିରଞ୍ଜନ ଗିରି, ବଂଶୀଧର ଦାସ, ପ୍ରକୃତିବନ୍ଧୁ ବଳରାମ ବେହେରା, ଡ. ନୃସିଂହ ବେହେରା, କର୍ଣ୍ଣଚନ୍ଦ୍ର ଘଡ଼େଇ, ରେମୁଣା ଜିଲ୍ଲା ପରିଷଦ ସଭ୍ୟ ଅଭିମନ୍ୟୁ ଧିନ୍ଦା, ଭଦ୍ରକ ଆଗରପଡ଼ାରୁ ଡ. ହୃଷୀକେଶ ଗିରି, କାର୍ତ୍ତିକ ଚନ୍ଦ୍ର ଗିରି ପ୍ରମୁଖ ଯୋଗଦେଇଥିଲେ। ଏହି ସମ୍ମିଳନୀରେ ୨ଜଣ ମେଧାବୀ ତଥା ଗରିବ ଛାତ୍ରୀ ଭୂମିକା ପ୍ରିୟଦର୍ଶିନୀ ଓ ଦୀପାଂଶୀ ପାଳ, ୨ଜଣ ସଫଳ ମହିଳା ଚାଷୀ ଗଣେଶ ଖାମୁରାଇ ଓ ସରୋଜିନୀ ଖାମୁରାଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଆରାଧ୍ୟ ଦେବତା ଶ୍ରୀଲକ୍ଷ୍ମୀନାରାୟଣ ଫଟୋଚିତ୍ରରେ ପୂଜାର୍ଚ୍ଚନା ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ପରେ ରାଜ୍ୟ ସଙ୍ଗୀତ "ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଆଦର୍ଶ ଶିକ୍ଷକ ଦୁର୍ଯ୍ୟୋଧନ ଖାମୁରାଇ।

## ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ

ବନ୍ତ/ଆଗରପଡ଼ା,୩୧।୩(ସମିସ): ବନ୍ତ ବ୍ଲକ୍ ଅନ୍ତର୍ଗତ ଗଣିଜାଙ୍ଗ ଆଞ୍ଚଳିକ ସାଧନକେନ୍ଦ୍ର ଅଧୀନସ୍ଥ ବିନାୟକପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଟୁଟୁ କୁମାର ପାଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ପ୍ରଫୁଲ୍ଲ କୁମାର ଦାସ, ମୁଖ୍ୟବକ୍ତା ପ୍ରାକ୍ତନ ପ୍ରଧାନଶିକ୍ଷକ ହରିହର ପାଣିଗ୍ରାହୀ, ସମ୍ମାନିତ ଅତିଥି ପ୍ରାକ୍ତନ ପ୍ରଧାନଶିକ୍ଷକ ଗଗନବିହାରୀ ଦାସ, ବିଦ୍ୟାଳୟ ପ୍ରଧାନଶିକ୍ଷକ ଗଗନ ଦାଶ, ପ୍ରଧାନଶିକ୍ଷକ ଶିବାନନ୍ଦ ନାୟକ, ହାସିନପୁର ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଉର୍ମିଳା ପଣ୍ଡା, ପ୍ରଧାନଶିକ୍ଷକ ପ୍ରତାପ ମହାପାତ୍ର, ପ୍ରଧାନଶିକ୍ଷକ ସତ୍ୟବ୍ରତ ଦେହୁରୀ, ପ୍ରଧାନଶିକ୍ଷକ ରବୀନ୍ଦ୍ର ଜେନା, ଶିକ୍ଷକ ଆଶିଷ ଜେନା, ନୀଳମାଧବ ଦାସ, କଳ୍ପନା ରାଉଳ, ପ୍ରଣତି ନାୟକ ପ୍ରମୁଖ ଯୋଗଦେଇ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ହେବା ଫଳରେ ପିଲାମାନଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଥାଏ ବୋଲି କହିଥିଲେ। ଆୟୋଜିତ ବିଭିନ୍ନ କ୍ରୀଡ଼ାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ଓ ଶିକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଓ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାର୍ଷିକ ବିବରଣୀ ପଠନ ଓ ଅତିଥି ପରିଚୟ ଶିକ୍ଷକ ଜିତେନ୍ଦ୍ର ମିଶ୍ର, କମିଟି ସଦସ୍ୟ ତାରିଣୀ ପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ମହେଶ୍ୱର ଦାସ, ବିଜୟ ଦାସ, ମହେନ୍ଦ୍ର ପରିଡ଼ା, କନକଲତା ଦାସ, ଲକ୍ଷ୍ମୀପ୍ରିୟା ସେଠୀ, ଆରତୀ ଦାସ, ଅହଲ୍ୟା ଦାସ, ଶ୍ରୀକାନ୍ତ ଦାସ, ରୀନାରାଣୀ ଦାସ, ଉତ୍ତମ ଦାସ, ହରେକୃଷ୍ଣ ରଣା, ଗୌରାଙ୍ଗ ଦାସ, ଶାନ୍ତିଲତା ବାରିକ୍, ପାଗିଳୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ଦୋବଲ,୩୧।୩(ସମିସ): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଏକ ଆଦର୍ଶ ଶିକ୍ଷାନୁଷ୍ଠାନ। ଯାହା ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ମୂଳଭିତ୍ତି ରୂପରେ ଗ୍ରହଣ କରି ଶିକ୍ଷାଦାନ କରି ଆସୁଛି। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶିକ୍ଷାର୍ଥୀଙ୍କ ସାମଗ୍ରିକ ବିକାଶ ପାଇଁ କାର୍ଯ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ବୋଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଧାମନଗର ବ୍ଲକ୍ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୧ତମ ବାର୍ଷିକ ଉତ୍ସବ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଆଶିଷ କୁମାର ନନ୍ଦ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ "ବେଦପିୟୁଷ' ସମ୍ପାଦକ ତଥା ପ୍ରବଚକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ପ୍ରଶାନ୍ତ କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟିର ଉପସଭାପତି ଗୋପାଳ ଚନ୍ଦ୍ର ବେହେରା ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ନିରାକାର ଦାଶ ଅତିଥି ପରିଚୟ ଓ ସମ୍ପାଦକ ଗଦାଧର ସାହୁ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀମାନଙ୍କୁ ସମ୍ମାନିତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ଓ ନାଟକ ପରିବେଷଣ କରାଯାଇଥିଲା।

## ନପଙ୍ଗରେ ବାର୍ଷିକ ବାଦୀପାଲା ଉଦ୍‌ଯାପିତ



ଭଣ୍ଡାରିପୋଖରୀ,୩୧।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ୍‌ର ନପଙ୍ଗ ପାଲା ପଡ଼ିଆରେ ଅନୁଷ୍ଠିତ ୪୪ତମ ବାର୍ଷିକ ବାଦୀପାଲା ମଙ୍ଗଳବାର ରାତ୍ରରେ ଉଦ୍‌ଯାପିତ ହୋଇଯାଇଛି। ଗତ ୨୭ ତାରିଖ ପବିତ୍ର ଶ୍ରୀରାମ ନବମୀରେ ଅଧିବାସ ପାଲା ଆରମ୍ଭ ହୋଇଥିଲା। ପାଲା ପଡ଼ିଆରେ କାରିଗର ବାବାଜୀ ସାମଲଙ୍କ ଦ୍ୱାରା ନିର୍ମିତ ରାମ, ଲକ୍ଷ୍ମଣ ଓ ସୀତାଙ୍କ ମୃଣ୍ମୟ ମୂର୍ତ୍ତିକୁ ପୂଜକ ନରନାରାୟଣ ମିଶ୍ର ପୂଜାର୍ଚ୍ଚନା କରିଥିଲେ। ଗାୟକ ଜ୍ଞାନ ବାରିଧି ଡ. କଳାକାର ନାୟକ ଓ ସାଥି ଏବଂ ଗାୟକ ବାଣୀ ଝଙ୍କାର ପ୍ରଦ୍ୟୁମ୍ନ କୁମାର ନନ୍ଦ ଓ ସାଥି ରାମାୟଣ କଥାବସ୍ତୁ, ନଳଦମୟନ୍ତୀ, ମହାଭାରତ, ପୁରାଣ କଥାବସ୍ତୁ ଆଧାରିତ ପାଲା ପରିବେଷଣ କରିଥିଲେ। ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ସାହିତ୍ୟକୃତୀ, ସଂସ୍କୃତ ସାହିତ୍ୟ ଆଦିର ପ୍ରାସଙ୍ଗିକ ଫକ୍କି ପରିବେଷଣ ସହ ଉଭୟ ଗାୟକଙ୍କ ମଧ୍ୟରେ ବ୍ୟାଖ୍ୟାଗତ ମତଭେଦ ବାଦୀପାଲାର ମହତ୍ତ୍ୱ ବୃଦ୍ଧି କରି ଦର୍ଶକଙ୍କ ପାଇଁ ରୁଚିକର ହୋଇଥିଲା। ପାଲା କମିଟି ସଭାପତି ପ୍ରଫୁଲ୍ଲ ନାୟକ, ସମ୍ପାଦକ ରସାନନ୍ଦ ନାୟକ, ମନୋରଞ୍ଜନ ନାୟକ, ଗୋବିନ୍ଦ ରାଉତ, ପ୍ରସନ୍ନ ନାୟକ, ଦାଶରଥି ରାଉତ, ନନ୍ଦକିଶୋର ଜେନା, ଲଳିତ ନାୟକ, ଉଦୟ ନାୟକ, ଦିଲ୍ଲୀପ ସାମଲ, କହ୍ନେଇ ପହି ପ୍ରମୁଖ ପାଲା ପରିଚାଳନା କରିଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା




ବନ୍ତ/ଆଗରପଡ଼ା,୩୧।୩(ସମିସ): ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲ ସହକାରୀ ଶିକ୍ଷକ ବିରେନ୍ ମିଶ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ତଥା ଏଏଓ, ଭଦ୍ରକ ଗୀତା କୁମାରୀ ପରିଡ଼ା ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀଧର ଜେନା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ନୋଡାଲ ଉଚ୍ଚ ବିଦ୍ୟାଳୟ, ସହକାରୀ ଶିକ୍ଷକ ଶରେନ୍ଦୁ ମିଶ୍ର, ସିଆରସିସି ନିରଞ୍ଜନ ଖିଲାର, ସ୍କୁଲ ପରିଚାଳନା କମିଟି ସଭାପତି ବର୍ଷାରାଣୀ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ସହକାରୀ ଶିକ୍ଷକ ଅଜିତ୍ ରାଉଳ ଅତିଥି ପରିଚୟ ଓ ଶିକ୍ଷକ କୈଳାସ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଦୀର୍ଘ ୩୦ ବର୍ଷ ଧରି ଶିକ୍ଷକତା କରିଆସୁଥିବା ସହକାରୀ ଶିକ୍ଷକ ଶ୍ରୀ ମିଶ୍ରଙ୍କ ସମେତ କୃଷ୍ଣଚନ୍ଦ୍ର ସାହୁ ଓ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁଶାନ୍ତ ଜେନାଙ୍କୁ ଅତିଥିଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ବନଜିନି ନାୟକ, ପ୍ରମୋଦିନୀ ସାହୁ, ଭାଗ୍ୟଶ୍ରୀ ପଣ୍ଡା, ସାଗରିକା ମହାନ୍ତି, ଭୀମସେନ ପାଲ୍, ବିଦ୍ୟୁତ୍‌ଲତା ଦାଶ, ରଞ୍ଜିତା ଶିଅଳ, ସାବିତ୍ରୀ ଦାଶ ପ୍ରମୁଖ ଶିକ୍ଷକଶିକ୍ଷୟିତ୍ରୀ ଏବଂ ଶିକ୍ଷା କର୍ମଚାରୀ ନିହାରିକା ପୃଷ୍ଟି, ପ୍ରକାଶ ରାଉତ, ଧନେଶ୍ୱର ଜେନା ପ୍ରମୁଖ ସହଯୋଗ କରିଥିଲେ।

### ଶ୍ରୀରାମ ବିଜୟା ଦଶମୀ ସଂକୀର୍ତ୍ତନ ଶୋଭାଯାତ୍ରା

# ୨୪ରୁ ଊର୍ଦ୍ଧ୍ୱ ମେଢ଼ ସାମିଲ୍; ଡିଜେ ଶବ୍ଦରେ କମ୍ପିଲା ସହର

ଧାମନଗର,୩୧।୩(ସମିସ)




ଧାମନଗର ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଆୟୋଜିତ ପାଞ୍ଚଦିନ ବ୍ୟାପୀ ରାମନବମୀ ଉପଲକ୍ଷେ ଧାମନଗରରେ ବିଜୟା ଦଶମୀ ଶୋଭାଯାତ୍ରା ଧୁମ୍‌ଧାମରେ ଚାଲିଛି। ମେଡିକାଲ ବଜାରରୁ ଜୟନଗର, ବିଜୁ ପଟ୍ଟନାୟକ ଛକ ହୋଇ ବ୍ଲକ୍ ରାମ ମନ୍ଦିର ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳ ଆକର୍ଷଣୀୟ ଆଲୋକ, ଗୈରିକ ପତାକା ଓ ତୋରଣରେ ଝଲସି ଉଠୁଛି। ୩୦ତାରିଖ ସୋମବାର ସନ୍ଧ୍ୟାରେ ଏନ୍‌ଏସି କାର୍ଯ୍ୟାଳୟ ନିକଟସ୍ଥ ରାମ ମନ୍ଦିରରୁ ବିଭିନ୍ନ ଅଞ୍ଚଳରୁ ସୀତାଙ୍କ ସହ ହନୁମାନଙ୍କ ଆସିଥିବା ପ୍ରାୟ ୨୪ରୁ ଊର୍ଦ୍ଧ୍ୱ ସୁଦୃଶ୍ୟ ମେଢ଼ ଶୋଭାଯାତ୍ରାରେ ବାହାରି ଏଗୁଡ଼ିକ କ୍ଲବ୍ ଛକ, ଚୁନୁପଡ଼ା ଛକ, ସାନ ବଜାର, ବଡ଼ ବଜାର ଛକ, ମେଡିକାଲ ଛକ ଆଦି ଅଞ୍ଚଳ ପରିକ୍ରମା କରି ସ୍ଥାନୀୟ ମେଳଣ ପଡ଼ିଆସ୍ଥିତ ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ଶୋଭାଯାତ୍ରରେ ପାରମ୍ପରିକକୁ ଭୁଲି ଡିଜେରେ ଝୁମିଲେ ଭକ୍ତ। ଏଥିରେ ସାଧୁସନ୍ଥ, ସାମାଜିକ ଓ ଆଧ୍ୟାତ୍ମିକ ଲୋକ ପ୍ରତିନିଧି ସହିତ ନେତୃମଣ୍ଡଳୀଙ୍କ ସମେତ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ଗେରୁଆ ବସ୍ତ୍ର ପରିଧାନ କରି, ମୁଣ୍ଡରେ ଗେରୁଆ ଫିତା ଓ ପଗଡ଼ି ବାନ୍ଧି ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ। ଜୟଶ୍ରୀରାମ ନାରାରେ ପରିବେଶ ପ୍ରକମ୍ପିତ ହୋଇଥିଲା। ଏଥି ପୂର୍ବରୁ ବେଦଜ୍ଞ ପଣ୍ଡିତଙ୍କ ଦ୍ୱାରା ବିଶ୍ୱ କଲ୍ୟାଣ ମହାଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପାଦନ ସହ ରାବଣ ପୋଡ଼ି କାର୍ଯ୍ୟକ୍ରମ ହୋଇଥିଲା। ଏହି ଶ୍ରୀରାମ ବିଜୟା ଦଶମୀ ସଂକୀର୍ତ୍ତନ ଶୋଭାଯାତ୍ରାରେ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସରପଞ୍ଚ ଅଶୋକ ପୁହାଣ, ନଗର ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର, ବିଜେପି ନେତା ଶରତ ଚନ୍ଦ୍ର ମହାନ୍ତି, ମନୋରଞ୍ଜନ ମଲ୍ଲିକ, ଅରବିନ୍ଦ ପତି, ସନ୍ତୋଷ ଦାସ ଅଧିକାରୀ, ବିଜୟ ରାମ, ଶ୍ରୀଧର ବେହେରାଙ୍କ ସମେତ ବହୁ ଦଳୀୟ ନେତୃମଣ୍ଡଳୀ ଯୋଗଦେଇଥିଲେ। ସେହିପରି ଜିଲ୍ଲା ପୁଲିସ ପ୍ରଶାସନ ତରଫରୁ ଏସ୍‌ପି ମନୋଜ କୁମାର ରାଉତ ଧାମନଗରଠାରେ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରିଥିଲେ। ୨ ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ ଓ ଅରୂପ ଅଭିଷେକ ବେହେରା, ଧାମନଗର ଏସ୍‌ଡିପିଓ ଅନିରୁଦ୍ଧ ମୁଦୁଲି, ଥାନା ଅଧିକାରୀ ସୁବ୍ରଜିତ ଦାଶଙ୍କ ସମେତ ଡିଏସ୍‌ପି ତିନି ଜଣ, ଇନ୍ସପେକ୍ଟର ୯ ଜଣ, ସବ୍‌ଇନ୍ସପେକ୍ଟର ୫୪ ଜଣ ସହିତ ୧୩ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିବାବେଳେ ଥାନାର ସମସ୍ତ ଅଧିକାରୀ ଓ ସହଯୋଗୀ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ। ତହସିଲ୍‌ଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ, ବିଡିଓ ବନବିହାରୀ ଦିନ୍ଦା, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ ମାଜିଷ୍ଟ୍ରେଟ୍ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ।

## ଗୋରୁ ଗାଡ଼ି ଅଟକାଇବାକୁ ଯାଇ ଜଣେ ମୃତ, ଜଣେ ଗୁରୁତର

# କ୍ଷତିପୂରଣ ସହ ଗୋଚାଲାଣ ରୋକ୍ ଦାବିରେ ରାଜପଥ ଅବରୋଧ

ବାଲେଶ୍ୱର/ଖନ୍ତାପଡ଼ା, ୩୧।୩ (ସମିସ)



ବାଲେଶ୍ୱର ଜିଲ୍ଲା ୧୬ ନଂ ଜାତୀୟ ରାଜପଥରେ ବଢ଼ି ଚାଲିଛି ବେଆଇନ ଗୋ ଚାଲାଣ, ଜିଲ୍ଲା ପୁଲିସର ନିଷ୍କ୍ରିୟତା ପାଇଁ ଜାତୀୟ ରାଜପଥରେ ଗୋରୁ ମାଫିଆ ସକ୍ରିୟ ହୋଇଥିବା ବେଳେ ଆତଙ୍କରାଜ ସୃଷ୍ଟି କରୁଥିବା ଜଣାପଡ଼ିଛି। ପୁଲିସ ଦେଖଣାହାରୀ ସାଜିଥିବା ବେଳେ ଗୋରୁ ବୋଝେଇ ଗାଡ଼ିକୁ ପିଛା କରି ଅଟକାଇବାକୁ ଯାଇ ଜଣେ ଗୋ ରକ୍ଷକ ଯୁବକ ଗୋରୁ ବୋଝେଇ ଗାଡ଼ିର ଏସକଟ ଗାଡ଼ି ଧକ୍କାରେ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇ କଟକ ସ୍ଥାନାନ୍ତର ହୋଇଛନ୍ତି।

ଗତକାଲି ବିଳମ୍ବିତ ରାତିରେ ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ୧୬ ନମ୍ବର ଜାତୀୟ ରାଜପଥ ପଣପଣା ପଂଚାୟତ ବେଗୁନିଆ ନିକଟବର୍ତ୍ତୀ ଭାରତ ପେଟ୍ରୋଲ ପମ୍ପ ନିକଟରେ ଘଟିଥିବା ଜଣାପଡ଼ିଛି। ଗୋରୁ ମାଫିଆମାନେ ଗାଡ଼ି ଚଢାଇ ଜଣେ ଗୋ ରକ୍ଷକ ଯୁବକଙ୍କୁ ମାରିଦେଇଥିବା ନେଇ ଖନ୍ତାପଡ଼ା ଥାନାରେ ପରିବାର ପକ୍ଷରୁ ଲିଖିତ ଅଭିଯୋଗ କରିଛନ୍ତି।

ଗତକାଲି ବିଳମ୍ବିତ ରାତିରେ ସୋର ଆଡୁ ବାଲେଶ୍ୱର ଅଭିମୁଖେ ଗୋରୁ ଚାଲାଣ ହେଉଥିବା ନେଇ ବଜରଙ୍ଗ ଦଳର କିଛି ଯୁବକ ଖବର ପାଇଥିଲେ। ପରେ କିଛି ଯୁବକ ଗୋରୁ ବୋଝେଇ ହେଇ ଯାଉଥିବା ଟ୍ରକକୁ ଅଟକାଇବା ପାଇଁ ପିଛା କରିଥିଲେ। ଗାଡିଟି ଦ୍ରୁତ ଗତିରେ ଯାଉଥିବା ବେଳେ ପୁଣି ୟୁଟର୍ଣ୍ଣ ମାରି ଭଦ୍ରକ ଅଭିମୁଖେ ଫେରି ଯାଉଥିଲା। ଗୋରୁ ବୋଝେଇ ଗାଡିକୁ ସୁରକ୍ଷା ଦେଇ ଏକ ଏସ୍‌କଟ ଗାଡି ଯାଉଥିଲା। ଗୋରୁ ଗାଡିକୁ ଅଟକାଇବାକୁ ବାଇକ ଯୋଗେ ଯାଉଥିବା ୨ ଗୋରକ୍ଷକଙ୍କୁ ପଛପଟୁ ଗୋରୁ ବୋଝେଇ ଗାଡ଼ିର ଏସ୍‌କଟ ଗାଡ଼ି ଧକ୍କା ଦେଇଥିଲା। ଫଳରେ ବାଇକରେ ଥିବା ୨ ଗୋ ରକ୍ଷକ ଖନ୍ତାପଡ଼ା ଥାନା କସବାଜୟପୁର ପଞ୍ଚାୟତ ଅଳସୁଆଁ ଗାଁର ବିଦ୍ୟାଧର ମହାପାତ୍ରଙ୍କ ପୁଅ ଲମ୍ବୋଦର(୩୦) ଓ ଜୟକୃଷ୍ଣ ବେହେରାଙ୍କ ପୁଅ କୃପାସିନ୍ଧୁ(୩୦) ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ପରେ କୃପାସିନ୍ଧୁ ଉପରେ ଗାଡି ଚଢାଇ ମାରିଦେବା ସହିତ ଲମ୍ବୋଦରଙ୍କୁ ଗୁରୁତର ଆହତ କରିଥିବା କୃପାସିନ୍ଧୁଙ୍କ ଭାଇ ଅଭିଯୋଗ କରିଛନ୍ତି। ଗତକାଲି ବିଳମ୍ବିତ ରାତିରେ ଖବରପାଇ ଖନ୍ତାପଡା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ।

ସେତେବେଳେକୁ ସ୍ଥାନୀୟ ଲୋକଙ୍କ ଦ୍ୱାରା ଆହତ ବ୍ୟକ୍ତିଙ୍କୁ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥଲା। ସେଠାରେ ଡାକ୍ତର କୃପାସିନ୍ଧୁଙ୍କୁ ମୃତ ଘୋଷଣା କରିଥିବା ବେଳେ ଲମ୍ବୋଦରଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଫକୀର ମୋହନ ମେଡିକାଲ କଲେଜ ଓ ହସପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ପରେ ଲମ୍ବୋଦରଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏ ନେଇ ପରିବାର ଲୋକଙ୍କ ଅଭିଯୋଗ କ୍ରମେ ବାଲେଶ୍ୱର ଏସପିଙ୍କ ନିର୍ଦ୍ଦେଶ କ୍ରମେ ଘଟଣା ସ୍ଥଳରେ ଅତିରିକ୍ତ ଏସପି ନିରଞ୍ଜନ ବେହେରା, ଗାୟତ୍ରୀ ପ୍ରଧାନ, ସଦର ଏସଡ଼ିପିଓ ଶୁଭ୍ରାଂଶୁ ଶେଖର ନାୟକଙ୍କ ସହିତ ସଦର ଆଇଆଇସି ଆଲୋକ କୁମାର ବେହାରା, ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଁଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଉଭୟ ଗୋ ରକ୍ଷକ ହୋଇଥିବା ବେଳେ ଶତାଧିକ ବଜରଙ୍ଗ ଦଳର କର୍ମୀ ଖନ୍ତାପଡ଼ା ଥାନାରେ ପହଞ୍ଚି ମୃତଦେହକୁ ରଖି ଜାତୀୟ ରାଜପଥରେ ଧାରଣା ଦେବା ସହିତ ମୃତବ୍ୟକ୍ତିଙ୍କ ପରିବାରକୁ ନ୍ୟାୟ ଦେବା, ଦୋଷୀଙ୍କୁ ଗିରଫ କରିବା, ଆହତ ବ୍ୟକ୍ତିଙ୍କୁ ନିଶୁଳ୍କ ସ୍ୱାସ୍ଥ୍ୟ ସେବା ଯୋଗାଇବା ସହିତ ଜାତୀୟ ରାଜପଥରେ ବେଆଇନ ଗୋ ଚାଲାଣକୁ ବନ୍ଦ କରିବା ଦାବିରେ ଅପରାହ୍ନ ୫ ଘଟିକା ଠାରୁ ଖନ୍ତାପଡ଼ା ଥାନା ସମ୍ମୁଖ ୧୬ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରି ଧାରଣାରେ ବସି ରହିଥିଲେ। ଦୀର୍ଘ ଘଣ୍ଟା ଘଣ୍ଟା ଧରି ଜାତୀୟ ରାଜପଥରେ ଯାତାୟତ ସମ୍ପୂର୍ଣ୍ଣ ଠପ ହୋଇ ପଡ଼ିଥିଲା। ଖବରପାଇ ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂ, ବାଲେଶ୍ୱର ଏସପି ପ୍ରତ୍ୟୁଷ ଦିୱାକର, ବାହାନଗା ତହସିଲଦାର ଅମ୍ବିକା ଭୂୟାଁ, ସଦର ଏସଡ଼ିପିଓ ଶୁଭ୍ରାଂଶୁ ଶେଖର ନାୟକ ପ୍ରମୁଖ ସନ୍ଧ୍ୟା ସମୟରେ ଜାତୀୟ ରାଜପଥ ଧାରଣା ସ୍ଥଳରେ ପହଁଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ଅନୁକମ୍ପା ମୂଳକ ରାଶି ସହ ୧୫ ଦିନ ମଧ୍ୟରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ପ୍ରତିଶ୍ରୁତି ଦେବାପରେ ଦୀର୍ଘ ୩ ଘଣ୍ଟା ପରେ ଜାତୀୟ ରାଜପଥ ଅବରୋଧ ହଟିଥିବା ଜଣାପଡ଼ିଛି। ସେପଟେ ଖନ୍ତାପଡ଼ା ଥାନା ପୁଲିସ ଏହି ଘଟଣାର ଅଭିଯୋଗ ମୂଳେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## କୃଷି ପ୍ରଧାନ ବ୍ଲକ ଭୋଗରାଇରେ କୃଷି ଅଧିକାରୀ ଶୂନ୍ୟ

● କୃଷିମନ୍ତ୍ରୀଙ୍କୁ ଭେଟିଲେ ବିଧାୟକ

ବାଲେଶ୍ୱର(ଉତ୍ତର), ୩୧।୩(ସମିସ): ଜନସଂଖ୍ୟା ଦୃଷ୍ଟିରୁ ଭୋଗରାଇ ହେଉଛି ଓଡ଼ିଶାର ସର୍ବବୃହତ ବ୍ଲକ। ପ୍ରାୟ ସାଢ଼େ ତିନି ଲକ୍ଷ ଜନସଂଖ୍ୟା ମଧ୍ୟରୁ ୭୦% ଲୋକ କୃଷି ଉପରେ ନିର୍ଭରଶୀଳ। ମାତ୍ର ଲୋକଙ୍କୁ କୃଷି ସଂପର୍କିତ ଜ୍ଞାନକୌଶଳ ଓ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଏଠାରେ ଆବଶ୍ୟକ ସଂଖ୍ୟା କୃଷି ଅଧିକାରୀ ନାହାନ୍ତି। ବିଶେଷ କରି ଏଠାରେ ୨ଟି ସହକାରୀ କୃଷି ଅଧିକାରୀ ପଦବୀ ଫାଙ୍କା ଥିବାବେଳେ ୧୫ ଗ୍ରାମ କୃଷି କର୍ମଚାରୀମାନଙ୍କ ମଧ୍ୟରୁ ଏବେ ମାତ୍ର ୬ ଜଣ ଅଛନ୍ତି। ତେଣୁ ଏ ନେଇ ଆଜି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ସାକ୍ଷାତ କରି ଏ ସମ୍ପର୍କରେ ଆଲୋଚନା କରିବା ସହିତ ତୁରନ୍ତ ଖାଲି ଥିବା ପଦରେ ନୂତନ ଅଧିକାରୀଙ୍କୁ ନିଯୁକ୍ତି ଦେବାକୁ ଅନୁରୋଧ କରିଥିବା ଜଣାପଡ଼ିଛି।

## ରାମରଜା ଭସାଣରେ ସାମ୍ପ୍ରଦାୟିକ ଉତ୍ତେଜନା

● ଘଟଣାସ୍ଥଳରେ ପୁଲିସ ମୁତୟନ

ଯାଜପୁର,୩୧।୩(ସମିସ): ଯାଜପୁର ସଦର ଥାନା ଅନ୍ତର୍ଗତ ବରୁଆଁ ପଞ୍ଚାୟତର ସାନ କୁଖାଲା ଗ୍ରାମରେ ଅବିର ଖେଳକୁ ନେଇ ଉତ୍ତେଜନା ଦେଖାଦେଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ସାନକୁଖାଲା ଗ୍ରାମରେ ପାରମ୍ପରିକ ଭାବେ ରାମରଜା ମୃଣ୍ମୟୀ ମୂର୍ତ୍ତି ପୂଜା କରାଯାଏ। ଚଳିତ ବର୍ଷ ପୂଜା ପାଉଥିବା ମୃଣ୍ମୟୀ ମୂର୍ତ୍ତିକୁ ନଦୀରେ ବିସର୍ଜନ କରିବାକୁ ଏକ ଶୋଭାଯାତ୍ରାରେ ଯିବାବେଳେ ପରସ୍ପରକୁ ରଙ୍ଗ ଅବିର ବୋଳିବା ସମୟରେ ରାସ୍ତା କଡ଼ରେ ଥିବା ମୁସଲମାନ ସମ୍ପ୍ରଦାୟର ଏକ ମସ୍‌ଜିଦ ଉପରେ କିଛି ଅବିର ପଡ଼ିଥିଲା। ଏହାକୁ ନେଇ ପ୍ରଥମେ ବଚସା ଓ ପରେ ଏହା ଉଗ୍ରରୂପ ଧାରଣ କରିଥିଲା। ଖବର ପାଇ ଯାଜପୁର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ କୁମାର ମାଝୀ, ସଦର ଥାନାଧିକାରିଣୀ ଚିନ୍ମୟୀ ବେହେରା ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗୋଷ୍ଠୀଙ୍କୁ ବୁଝାସୁଝା କରିବା ପରେ ଉତ୍ତେଜନା ଶାନ୍ତ ପଡିଥିଲା। କିଛି ସମୟ ପରେ ଭସାଣ ସାରି ଘରକୁ ଫେରୁଥିବା ସମୟରେ ମୁସଲମାନ ସମ୍ପ୍ରଦାୟର ଦୁଇ ଜଣ ଯୁବକ ଏକ ବାଇକ୍ ଯୋଗେ ସେହି ରାସ୍ତାରେ ଯାଉଥିବା ସମୟରେ ଚାଲି ଚାଲି ଯାଉଥିବା ଜଣେ ଯୁବକଙ୍କୁ ଧକ୍କା ଦେଇଥିଲେ। ଫଳରେ ଯୁବକ ଜଣକ ଗୁରୁତର ଆହତ ହୋଇଥିଲେ। ଏହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ଢେଲା ପଥର ମାଡ଼ ହୋଇଥିଲା। ଏହି ଘଟଣାକୁ ନେଇ ଉଭୟ ପକ୍ଷରୁ ସଦର ଥାନାରେ ଲିଖିତ ଅଭିଯୋଗ ହୋଇଛି। ସଦର ପୁଲିସ ପକ୍ଷରୁ ପୃଥକ୍ ପୃଥକ୍ ୧୧୩/୨୬ ଓ ୧୧୪/୨୬ ଦୁଇଟି ମାମଲା ରୁଜୁ କରାଯାଇଥିବା ବେଳେ ଘଟଣା ଉଗ୍ରରୂପ ଧାରଣ କରିବା ସହ ସାମ୍ପ୍ରଦାୟିକ ହିଂସାକାଣ୍ଡକୁ ଆଶଙ୍କା କରି ଘଟଣାସ୍ଥଳରେ ୩ ସେକ୍ସନ୍ ପୁଲିସ ଫୋର୍ସ ମୁତୟନ କରାଯାଇଛି। ସଦର ଥାନା ପୁଲିସ ଉଭୟ ହନୁମାନ ମନ୍ଦିର ଓ ମସଜିଦକୁ ଜଗିବା ସହ ପୁଲିସ ପଇଁତରା ମାରୁଥିବା ଜଣାପଡିଛି।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଯାଜପୁର,୩୧।୩(ସମିସ): ଯାଜପୁର ସହରର କଲେଜଛକସ୍ଥିତ ବୀଣାପାଣି ନଗରରେ ଗ୍ରାମବାସୀଙ୍କ ଉଦ୍ୟମରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ବୀଣାପାଣି ନଗରର ବରିଷ୍ଠ ଶିକ୍ଷାବିତ ଅଜୟ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ପ୍ରତ୍ୟେକ ରକ୍ତଦାତା ଜଣେ ଜୀବନଦାତା ବୋଲି ମତବ୍ୟକ୍ତ କରିଥିଲେ। ସମାଜସେବୀ ନବଘନ ରାଉତଙ୍କ ସଂଯୋଜନାରେ ଅମରଜିତ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଗ୍ରାମବାସୀ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିବା ସହ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଏହି ଶିବିରରେ ସ୍ଥାନୀୟ ଅଞ୍ଚଳ ର ନରେନ୍ଦ୍ର ଜେନା, ପ୍ରତାପ କୁମାର ଦାସ, ଭଗବାନ ଜେନା, ଓମ ପ୍ରକାଶ, ସୌମ୍ୟ, ବିରଞ୍ଚି, ଆଲୋକ, ଅମିୟ, ନିରଞ୍ଜନ, ଚିତ୍ତ ରଞ୍ଜନ, ସନ୍ଦିପ, ଅନିଲ, ସତ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଯାଜପୁର ରେଡକ୍ରସ ସହାୟତାରେ ଅନୁଷ୍ଠିତ ଏହି ଶିବିରରେ ମୋଟ ୫୦ରୁ ଉର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

## ଅଗ୍ନିବିପନ୍ନଙ୍କୁ ସହାୟତା

ବ୍ରହ୍ମବରଦା,୩୧।୩(ସମିସ): ରସୁଲପୁର ତହସିଲ ବ୍ରହ୍ମବରଦା ପଞ୍ଚାୟତ ଅନ୍ତର୍ଗତ ତାରିଣୀଛକ ନିକଟରେ ଭୟାବହ ଅଗ୍ନିକାଣ୍ଡ ଘଟି ୭ ଗୋଟି ଦୋକାନରୁ ପ୍ରାୟ ଲକ୍ଷାଧିକ ଟଙ୍କାର ସମ୍ପତି ପୋଡି ପାଉଁଶ ହୋଇଯାଇଥିଲା। ଏହି ଘଟଣାରେ ଅଗ୍ନିବିପନ୍ନ ବ୍ୟବସାୟୀଙ୍କ ମେରୁଦଣ୍ଡ ଭାଙ୍ଗି ଯାଇଛି। ଏନେଇ ଆଜି ରସୁଲପୁର ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପ୍ରମୋଦ ପତି ଫାଉଣ୍ଡେସନ ସହଯୋଗର ହାତ ବଢାଇଛି। ଫାଉଣ୍ଡେସନର ସଚିବ ଦିବ୍ୟଜ୍ୟୋତି ପତି ଘଟଣାସ୍ଥଳରେ ପହଞ୍ଚି ଅଗ୍ନିବିପନ୍ନ ବ୍ୟବସାୟୀଙ୍କୁ ଭେଟି ସମବେଦନା ଜଣାଇବା ସହିତ ଆର୍ଥୀକ ସହାୟତା ପ୍ରଦାନ କରିଥିଲେ। ବ୍ରହ୍ମବରଦା ତାରିଣୀ ଛକ ବଣିକ ସଂଘ ସଭାପତି ଅରୁଣ କୁମାର ବେହେରା, ସାମାଜିକ କର୍ମୀ ମଣ୍ଟୁ ଦାସ, ଫାଉଣ୍ଡେସନର ସମ୍ପାଦକ ସନ୍ତୋଷ ସାହୁ, ସଭ୍ୟ ଚିତ୍ତରଞ୍ଜନ ଦାସ, ସ୍ମୃତିରଞ୍ଜନ ରାଉତ, ଜ୍ଞାନେନ୍ଦ୍ର ମହାନ୍ତି, ପ୍ରକାଶ ଚନ୍ଦ୍ର ସାହୁ, ମହମ୍ମଦ ଅଲ୍ଲୀ, ଚିନ୍ମୟ ନାୟକ, ଯଯାତି ବେହେରା, ନରେଶ ମଣ୍ଡଳ, ନବଘନ ବେହେରା, ଚନ୍ଦନ ବେହେରା, ମନୋଜ ସାହୁ ଓ ଦୀନବନ୍ଧୁ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

● ଶିକ୍ଷକ ଓ ଶ୍ରେଣୀ ଗୃହ ଅଭାବରୁ ବିଦ୍ୟାଳୟରେ ତାଲା

## ଧାରଣାରେ ବସିଲେ ଛାତ୍ରଛାତ୍ରୀ ଓ ଅଭିଭାବକ

ଭଦ୍ରକ,୩୧।୩(ସମିସ): ଚାନ୍ଦବାଲି ବ୍ଲକ୍‌ରେ ଶିକ୍ଷାର ବିକଳ ଚିତ୍ର। ଶିକ୍ଷକ ଓ ଶ୍ରେଣୀ ଗୃହ ଅଭାବରୁ ବିଦ୍ୟାଳୟ ତାଲା ପକାଇ ଧାରଣାରେ ବସିଲେ ଛାତ୍ରଛାତ୍ରୀ ଓ ଅଭିଭାବକ।




ଏମିତି ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଅନ୍ତର୍ଗତ ଓସ୍ତିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ସୂଚନା ମୁତାବକ, ଉକ୍ତ ବିଦ୍ୟାଳୟରେ ଶିଶୁ ବାଟିକାକୁ ଲଗାଇ ୯ଟି ଶ୍ରେଣୀରେ ମୋଟ୍ ୨୦୨ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ଶିକ୍ଷକ ଅଛନ୍ତି ମାତ୍ର ୫ଜଣ। ଏଥି ସହିତ ଶ୍ରେଣୀ ଗୃହର ମଧ୍ୟ ଅଭାବ। ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଅନୁସାରେ ଶ୍ରେଣୀ ଗୃହ ଓ ଶିକ୍ଷକ ଅଭାବ ହେତୁ ପାଠ ପଢ଼ିପାରୁ ନାହାନ୍ତି ପିଲା। ଏ ସମ୍ବନ୍ଧରେ ବାରମ୍ବାର ଅଭିଯୋଗ ପରେ ଶୁଣୁନାହାନ୍ତି ସରକାର। ଶେଷରେ ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇ ଧାରଣାରେ ବସିଲେ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକ। ଯେପର୍ଯ୍ୟନ୍ତ ଆବଶ୍ୟକୀୟ ସଂଖ୍ୟକ ଶିକ୍ଷକ ଓ ଶ୍ରେଣୀ ଗୃହ ନିର୍ମାଣ ନ ହୋଇଛି ଗଣଧାରଣା ଜାରି ରହିବ ବୋଲି ବିଦ୍ୟାଳୟର ସଭାପତି ପ୍ରଫୁଲ୍ଲ ସାହୁ, ଅଭିଭାବକ ନମିତା ପଢ଼ିହାରି, ଛାତ୍ରୀ ଶୁଭଲକ୍ଷ୍ମୀ ତାଡୁ ପ୍ରମୁଖ ଶତାଧିକ ଛାତ୍ରଛାତ୍ରୀ ଓ ଅଭିଭାବକ କହିଛନ୍ତି।

## ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ କୁଶପୁତ୍ତଳିକା ଦାହ

ବାଲେଶ୍ୱର,୩୧।୩(ସମିସ): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ବିରୋଧରେ ବିଜେପି ସାଂସଦ ନିଶିକାନ୍ତ ଦୁବେ ମିଥ୍ୟା ଓ ଅପମାନ ଜନକ ମନ୍ତବ୍ୟ ଦେଇଥିଲେ। ଏ ନେଇ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଏହାକୁ ଦୃଢ଼ ନିନ୍ଦା କରାଯିବା ସହ ସ୍ଥାନୀୟ ଫାଣ୍ଡିଛକରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହେବା ସହ ସାଂସଦ ଶ୍ରୀ ଦୁବେଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ସ୍ୱରୂପ କୁମାର ଦାସ, ସୁକାନ୍ତ ନାୟକ, ସୁଧାଂଶୁ ଶେଖର ପରିଡା, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗରିଶ ଚନ୍ଦ୍ର ଦାଶ, ରାଜ୍ୟ ଯୁବ ଜନତା ଦଳର କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ଉପସଭାପତି ତାପସ ପାଣିଗ୍ରାହୀ, ରାଜ୍ୟ ସାଧାରଣ ସମ୍ପାଦକ ଧୀରେନ ନାୟକ, ବରିଷ୍ଠ ନେତା ରଞ୍ଜନ ବାଗ, ମ୍ୟୁନିସିପାଲିଟି ଉପାଧ୍ୟକ୍ଷ କୈଳାସ ସେଠୀ, ଟାଉନ ବିଜେଡି ସଭାପତି ମନୋଜ ରାଉତ, ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା, ପୂର୍ବତନ ଫକୀର ମୋହନ କଲେଜ ସଭାପତି ହରେକୃଷ୍ଣ ପ୍ରଧାନ, ରାଜ୍ୟ ବିଜୁ ଛାତ୍ର ଜନତା ଦଳର ପୂର୍ବତନ ସମ୍ପାଦକ ବିଭୁଦତ ପରିଡା,ସୌଭାଗ୍ୟ ଖୁଣ୍ଟିଆ, ବିକାଶ ବେହେରା, ତପନ ଦାସ, କାଉନସିଲର କବିତା ମୁର୍ମୁ, ସକିର ଖାନ, ସେକ ଅନସର,ସଞ୍ଜୟ ବେହେରା,ମୀନା ମହାନ୍ତି,ଭରତ ଭୂଷଣ ଦାସ,କାର୍ତିକ ସାହୁ,ଅତୁଲ ଶତପଥୀ,ଦେବାଶିଷ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



## ମିତ୍ରପୁର ଅଯୋଧା ରାସ୍ତାରେ ଛିନତାଇ

ନୀଳଗିରି, ୩୧।୩ (ସମିସ): ଛିନତାଇ ଘଟଣାରେ ଧରା ଯାଇଥିବା ୩ ଦୁର୍ବୃତ୍ତଙ୍କ ମଧ୍ୟରୁ ଦୁଇଜଣ ଥାନାରେ ଅଟକ ଥିବାବେଳେ ଜଣେ ଗୁରୁତର କଟକ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିବା ସୂଚନା ମିଳିଛି। ଗତ ୩୦ ତାରିଖ ସୋମବାର ରାତି ପ୍ରାୟ ୮.୪୦ରେ ଉକ୍ତ ରାସ୍ତାର ପାଟଣା ସ୍କୁଲ ଛକ ନିକଟରେ ରାସ୍ତାରେ ଲୁଟ୍‌ର ଶିକାର ହୋଇଥିଲେ ବଣିଆଗାଁ ଗ୍ରାମର କଣା ଓରଫ ଅଜୟ ସିଂ (୨୭)। ସେ ଚାଲିଚାଲି ଯାଉଥିବା ବେଳେ ଜାମୁବଣୀ ପଟରୁ ଦ୍ରୁତ ବେଗରେ ଏକ ବାଇକ୍‌ରେ ୩ ଲୁଟେରା ଆସି ଅଜୟଙ୍କ ପାଖରେ ଅଟକିଥିଲେ। ସେମାନେ ତାଙ୍କ ବେକରେ ତେଲେଙ୍ଗା କଟୁରୀ ଲଗାଇ ମୋବାଇଲ୍ ଛଡାଇ ନେଇ ମିତ୍ରପୁର ରାସ୍ତାରେ ଫେରାର ହେବାକୁ ଉଦ୍ୟମ କରୁଥିବାବେଳେ ଅଜୟ ଉକ୍ତ ଦୁର୍ବୃତ୍ତଙ୍କୁ ଗାଡି ସହ ଠେଲି ଦେଇଥିଲେ। ପାଟି ଶୁଣି ପାଖ ଗ୍ରାମର ଯୁବକ ମାନେ ପହଞ୍ଚି ଯିବାରୁ ତେଲେଙ୍ଗା କଟୁରି ଧରିଥିବା ଯୁବକ ଜଣକ ଜଙ୍ଗଲ ଆଡ଼କୁ ଦୌଡ଼ି ପଳାଇ ଯାଇଥିଲା। ଅନ୍ୟ ଜଣେ ଯୁବ ବଣିଆଗାଁ ଗ୍ରାମକୁ ଦୌଡୁଥିବାବେଳେ ଗ୍ରାମର ଯୁବକ ମାନେ କାବୁ କରିଥିଲେ। ଖବର ପାଇ ନୀଳଗିରି ଥାନାର ଏଏସଆଇ ଜିତେନ୍ କିଶୋର ନାୟକ ସଦଳବଳେ ପହଁଚିବାରୁ ପ୍ରଥମେ ୨ଦୁର୍ବୃତ୍ତଙ୍କୁ ଗ୍ରାମବାସୀ ପୁଲିସ ଜିମା ଦେଇଥିଲେ। ପରେ ତେଲେଙ୍ଗା କଟୁରି ଧାରୀ ଫେରାର ହୋଇଥିବା ଅନ୍ୟ ଜଣେ ଦୁର୍ବୃତ୍ତକୁ ସିଙ୍ଗିରି ଗ୍ରାମବାସୀ ଅଟକ ରଖିବା ସହିତ ତାଙ୍କ ଠା ରୁ ତେଲେଙ୍ଗା କଟୁରି ଜବତ କରାଯାଇଥିବା ବେଳେ ଉତ୍ୟକ୍ତ ଜନତା ତାଙ୍କ ବାଇକକୁ ପୋଡିଦେଇଥିଲେ। ଦୁର୍ବୃତ୍ତ ମାନେ ହେଲେ ରେମୁଣା ଥାନା ଅଧିନ ମନ୍ଦାରପୁର ଗ୍ରାମର ବାପୁନ ଓରଫ ସତ୍ୟବାନ ଦାସ, ଗନିପୁର ଗ୍ରାମର ତସୀମ ଏବଂ ଖିରଚୋରା ମନ୍ଦିର ଛକର ବୁଆ ର ଘର ବୋଲି ଜଣାପଡ଼ିଛି। ଉକ୍ତ ୩ ଦୁର୍ବୃତ୍ତ ଙ୍କୁ ପୁଲିସ ନୀଳଗିରି ମେଡିକାଲରେ ଚିକିତ୍ସା କରାଇବା ପରେ ନୀଳଗିରି ଥାନାରେ ଅଟକ ରଖି ପଚରା ଉଚରା କରୁଥିବା ବେଳେ ସତ୍ୟବାନଙ୍କ ଅବସ୍ଥା ଉଦବେଗଜନକ ଥିବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ପୁଲିସ ସୂଚନା ଦେଇଛି।

● ପିଇବା ପାଣି ସମସ୍ୟା

## ବିଡିଓଙ୍କୁ ଘେରିଲେ ବିସ୍ଥାପିତ ପରିବାର

ଦାନଗଦି,୩୧।୩(ସମିସ): ତ୍ରିଜଙ୍ଗା ବିସ୍ଥାପିତ କଲୋନୀରେ ଦୀର୍ଘଦିନ ହେଲା ପିଇବା ପାଣିର ସମସ୍ୟା ଲାଗିରହିଛି। ଯାହାକୁ ନେଇ ଆଜି ସକାଳେ କଲୋନୀର ଜିନ୍ଦଲ ଓ ମେସ୍କୋ ବିସ୍ଥାପିତ ପରିବାର ଲୋକେ ଦାନଗଦି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓଙ୍କୁ ଘେରିଥିଲେ। ସେମାନଙ୍କ ଅଭିଯୋଗ ହେଲା ଏହି କଲୋନୀର ହୁଡ଼ିସାହିଠାରେ ଏକ ପମ୍ପ ହାଉସ ଅଛି। ସରକାରଙ୍କ ଡିଏମଏଫ ଫଣ୍ଡରୁ ଏହି ପମ୍ପ ହାଉସ ଚାଲିବା ପାଇଁ ଜିଲ୍ଲା ପ୍ରଶାସନ ବାର୍ଷିକ ୨୦ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଉଥିଲେ। କିନ୍ତୁ ଯେହେତୁ ଡିଏମଏଫ ତାଲିକାରୁ ତ୍ରିଜଙ୍ଗା ପଞ୍ଚାୟତ ବାଦ ପଡ଼ିଛି। ପ୍ରଶାସନ ତିନିମାସ ହେଲେ ଅନୁଦାନକୁ ବନ୍ଦ କରିଦେଇଛନ୍ତି। ଫଳରେ ସେହି ପମ୍ପ ହାଉସ ରେ କାମ କରୁଥିବା କର୍ମଚାରୀ ଜଣକ ଏବେ ତିନିମାସ ହେଲା ଦରମା ପାଇପାରୁନାହିଁ। ଏହା ବ୍ୟତିତ ଏହି ପମ୍ପ ହାଉସର ଲକ୍ଷାଧିକ ଟଙ୍କା ବିଦ୍ୟୁତ ବିଲ ବାକି ରହିଥିବାରୁ ନିକଟରେ ବିଦ୍ୟୁତ ସଂଯୋଗ କାଟି ଦିଆଯାଇଛି। ଯାହାକି ପମ୍ପ ହାଉସ ପାଣି ଯୋଗାଇ ପାରୁନାହିଁ। ତୁରନ୍ତ ସମସ୍ୟାର ସମାଧାନ ନ କଲେ ବିସ୍ଥାପିତ ପରିବାର ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଜିଦ କରିଥିଲେ। ଅଭିଯୋଗ ପାଇବାପରେ ବିଡିଓ ପ୍ରଦୀପ କୁମାର ସେଠୀ ୭ ଦିନ ମଧ୍ୟରେ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।



## ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଯାଜପୁର,୩୧।୩(ସମିସ): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ସୁକିନ୍ଦା ବ୍ଲକ୍ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୬୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୫୪ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୨ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୫ଟି, ରେଡ୍‌କ୍ରସ୍ ପାଣ୍ଠିରୁ ୩ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୨ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶ ପ୍ରତାପ ଶ୍ରୀମାଲ୍, ଅତିରିକ୍ତ ଜିଲ୍ଲାପାଳ, ଯୁଧିଷ୍ଠିର ନାଏକ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦେବୀପ୍ରସାଦ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକିନ୍ଦା ପ୍ରଜ୍ଞା ପାରମିତା ପୃଷ୍ଟି, ତହସିଲଦାର ସୁକିନ୍ଦା ମାନସ ରଞ୍ଜନ ତ୍ରିପାଠୀ ଓ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।



## ରାସ୍ତାରେ ଗଡ଼ିପଡ଼ି ବିପଦକୁ ଆମନ୍ତ୍ରଣ | ମୂଲ୍ୟହୀନ ପାଲଟିଛି ସୂଚନାଫଳକ

ବନ୍ତ/ଆଗରପଡ଼ା, ୩୧।୩ (ସମିସ): ସରକାରୀ ଅନୁଦାନରେ ଯେକୌଣସି କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ କାର୍ଯ୍ୟସ୍ଥଳି ନିକଟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନାଫଳକ ନିର୍ମାଣ କରି ସେଥିରେ ସବିଶେଷ ସୂଚନା ଲେଖାଯିବାର ନିୟମ ଥିଲେ ସୁଦ୍ଧା ଭଦ୍ରକ ଜିଲ୍ଲା ବନ୍ତ ପଞ୍ଚାୟତ ସମିତି ପକ୍ଷରୁ ହେଉଥିବା ଉନ୍ନୟନ କାର୍ଯ୍ୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ନିର୍ମାଣାଧୀନ ଫଳକ ନିର୍ମାଣର ଅଳ୍ପ ଦିନ ମଧ୍ୟରେ କେଉଁଠି ଗଡ଼ିପଡ଼ିଲାଣି ତ ଆଉ କେଉଁଠି ଗଡ଼ାଇ ଦିଆଗଲାଣି। ଆଉ କେଉଁଠି ଗଡ଼ିପଡ଼ି ବିପଦକୁ ଆମନ୍ତ୍ରଣ କଲାଣି; ଯଦ୍ୱାରା ସୂଚନାଫଳକ ନିର୍ମାଣ ମୂଲ୍ୟହୀନ ପାଲଟିବା ସଦୃଶ ହୋଇଛି। ପୂର୍ବରୁ ବିଭିନ୍ନ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟରେ ଏହିପରି ଅବ୍ୟବସ୍ଥା ଦେଖାଯାଇଥିବା ବେଳେ ବର୍ତ୍ତମାନ ପୂର୍ତ୍ତ ବିଭାଗ ପକ୍ଷରୁ ବନ୍ତ-ଆଗରପଡ଼ା ଓ ଆଗରପଡ଼ା-କୁପାରୀ ରାସ୍ତାରେ ଜନପରାମର୍ଶ ଭିତ୍ତିକ ସୂଚନାଫଳକ କ୍ଷେତ୍ରରେ ପୁଣି ଏହିପରି ଅବ୍ୟବସ୍ଥା ଦେଖିବାକୁ ମିଳିଛି। କେତେକ ସ୍ଥାନରେ ଲୁହାରେ ନିର୍ମିତ ଏହି ବୋର୍ଡ ସବୁ ବର୍ତ୍ତମାନ ରାସ୍ତା ଆଡ଼କୁ ଢଳି ରହିଛି। କିଛିଦିନ ପୂର୍ବରୁ ବନ୍ତ-ମହାନ୍ତିପଡ଼ା ରାସ୍ତା ନିମନ୍ତେ ଲଗାଯାଇଥିବା ଫଳକ ଏପରି ଅବସ୍ଥାରେ ରହିଥିଲା ଯେ, ଯଦି ଜୋର୍‌ରେ ପବନ ହେବ ତେବେ ତାହା କାହା ପାଇଁ ବିପଦ ସାଜିବ କହିବା କଷ୍ଟକର ହୋଇପଡ଼ିଥିଲା। ଏ ପରିସ୍ଥିତି ଯୋଗୁଁ ଉକ୍ତ ରାସ୍ତା ଦେଇ ଯାଉଥିବା ଲୋକେ ନିଜକୁ ସୁରକ୍ଷିତ ମଣୁ ନ ଥିବା ଜଣାପଡ଼ିଥିଲା। କିନ୍ତୁ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ବର୍ତ୍ତମାନ ଏହା ରାସ୍ତା ଉପରେ ଗଡ଼ିପଡ଼ି ସମସ୍ତଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ଅନ୍ୟମନସ୍କ ହୋଇ କିମ୍ବା ରାତିରେ ଉକ୍ତ ରାସ୍ତା ଦେଇ ଯିବା ମାନେ ବିପଦକୁ ଆମନ୍ତ୍ରଣ କରିବା। ରାସ୍ତାରେ ଏହିପରି ସ୍ଥିତି ସୃଷ୍ଟି ହୋଇଥିଲେ ସୁଦ୍ଧା ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ବିଭାଗର ପାରିବାପଣିଆ ପ୍ରତି ଅଙ୍ଗୁଳି ଉଠିଛି। କୌଣସି ବଡ଼ଧରଣର ବିପଦ ସୃଷ୍ଟି ହେବା ଆଗରୁ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।



**କେଉଁଠି ଗଡ଼ିପଡ଼ିଲାଣି; କେଉଁଠି ଝୁଲୁଛି ତଥାପି ଚେତା ପଶୁନି**

## ଯୁଧିଷ୍ଠିର ବାରିକ ଥିଲେ ଜଣେ ଦରଦୀ ବନ୍ଧୁ

ବାସୁଦେବପୁର,୩୧।୩(ସମିସ): ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟର ପୂର୍ବତନ ମୁଖ୍ୟ କିରାଣି ତଥା ଗୋପାଳପୁର ଗ୍ରାମର ସ୍ୱର୍ଗତ ଯୁଧିଷ୍ଠିର ବାରିକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଗୋପାଳପୁରସ୍ଥିତ ବାସଭବନରେ ଆୟୋଜିତ ସ୍ମୃତିଚାରଣ ସଭାରେ ପୂର୍ବତନ ଅଧ୍ୟକ୍ଷ ଭାଗିରଥି ପଲାଇ ସଭାପତିତ୍ୱ କରିଥିଲେ। ଶିକ୍ଷାବିତ୍ ଦୁଃଶାସନ ରାଉତ, ପ୍ରାକ୍ତନ ଶିକ୍ଷାଧିକାରୀ ରତ୍ନାକର ମଲ୍ଲିକ, ପ୍ରାକ୍ତନ ପ୍ରାଧ୍ୟାପକ ଲକ୍ଷ୍ମଣ ଶତପଥୀ, ପ୍ରାକ୍ତନ ପ୍ରାଧ୍ୟାପକ ମୁରଲୀଧର ବିଶ୍ୱାଳ, ପ୍ରାକ୍ତନ ଅଧ୍ୟାପକ କାର୍ତ୍ତିକ ଚନ୍ଦ୍ର ବାରିକ, ସାମ୍ବାଦିକ ରମାକାନ୍ତ ଡାଙ୍ଗୁଆ, ଶିକ୍ଷକ ନକୁଳ କୁମାର ବାରିକ, ଆଇନଜୀବୀ ସ୍ମୃତିରଞ୍ଜନ ପଳିତା ଯୋଗଦେଇ ଉଦ୍‌ବୋଧନ ଦେଇ କହିଥିଲେ ଯୁଧିଷ୍ଠିର ବାରିକ କର୍ମମୟ ଜୀବନରେ ସମସ୍ତଙ୍କ ପାଇଁ ଜଣେ ଦରଦୀ ବନ୍ଧୁ ଥିଲେ। ତାଙ୍କର କର୍ମ, ନିଷ୍ଠା ଓ ସରଳତା ପାଇଁ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ।

# ସୁବର୍ଣ୍ଣରେଖା ବନ୍ୟା ନିୟନ୍ତ୍ରଣ ଯୋଜନା କାର୍ଯ୍ୟାନ୍ୱୟନରେ ଶିଥିଳତା

ବାଲେଶ୍ୱର(ଉତ୍ତର), ୩୧।୩ (ସମିସ)



**ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଭେଟି ପଦକ୍ଷେପ ନେବାକୁ ଦାବିକଲେ ଭୋଗରାଇ ବିଧାୟକ**

ସୁବର୍ଣ୍ଣରେଖା ନଦୀରେ ପ୍ରତିବର୍ଷ ବନ୍ୟା ଆସିବା ଯୋଗୁଁ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ୮ରୁ ଅଧିକ ପଞ୍ଚାୟତ ର ୪୦ ଗ୍ରାମ ପ୍ରଭାବିତ ହେଉଛି। ସେଥିମଧ୍ୟରୁ ନଦୀ ତଟବର୍ତ୍ତୀ ଗ୍ରାମ ଗୁଡ଼ିକ ଅଧିକ କ୍ଷତିଗ୍ରସ୍ତ ହେଉଛି। ଏପରିକି ବନ୍ଧ ବାଡ଼ର ମରାମତି ହେଉନଥିବାରୁ ଧନ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ଫଳରେ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଆଗକୁ ଆଉ ୨ମାସ ପରେ ଆରମ୍ଭ ହେଉଛି ବର୍ଷା ଋତୁ। ମାତ୍ର ଏପର୍ଯ୍ୟନ୍ତ ଦୁର୍ବଳ ନଦୀ ବନ୍ଧର ମରାମତି ସହିତ କ୍ଷତିଗ୍ରସ୍ତ ପଥର ପ୍ୟାକିଂ କିମ୍ବା ସ୍ୱର ମରାମତି କାର୍ଯ୍ୟ ହେଉନାହିଁ। ଏ ନେଇ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ପୂର୍ବରୁ ବିଧାନସଭାରେ ପ୍ରଶ୍ନ କରିଥିବା ବେଳେ ଅନେକ ଥର ବିଭାଗୀୟ ମନ୍ତ୍ରୀ ଓ ଯନ୍ତ୍ରୀ ମାନଙ୍କ ସହ ଆଲୋଚନା କରିଥିଲେ। ତେବେ ଆଜି ପୁଣି ଜଳସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ(ରଓଉ) ଇଂ ସାଗର ମହାନ୍ତିଙ୍କୁ ସାକ୍ଷାତ କରି ଏ ବିଷୟରେ ବିସ୍ତୃତ ଆଲୋଚନା କରିଥିବା ଜଣାପଡ଼ିଛି। ବିଗତ ବର୍ଷର ବାରମ୍ବାର ବନ୍ୟାରେ ପ୍ରଭୂତ କ୍ଷତିଗ୍ରସ୍ତ ହୋଇଥିବା ସୁବର୍ଣ୍ଣରେଖା ନଦୀ ତଟବର୍ତ୍ତୀ ଅଞ୍ଚଳରେ ସୁଚାରୁ ରୂପେ ଥର ପ୍ୟାଚିଂ କରିବା ଏବଂ ଖରିଦପିପଳ, ଆରୁହାବୃତ୍ତି-୧ , ଆରୁହାବୃତ୍ତି-୨, ମନୁନଗର , କୁମ୍ଭୀରଗଡ଼ି , ଖଳା ବାଡ଼ିଆ, ବାଉଁଶଖଣା, ଅଡଙ୍ଗ ପନ୍ତେଇ ଇତ୍ୟାଦି ସଂଲଗ୍ନ ନଦୀ ତଟରେ ଥିବା ସ୍ୱର୍ ଗୁଡିକର ମରାମତି ତଥା ନୂତନ ସ୍ୱର୍ ନିର୍ମାଣ କାର୍ଯ୍ୟ ବର୍ଷା ଋତୁ ପୂର୍ବରୁ ସାରିବା ପାଇଁ ବିଧାୟକ ଶ୍ରୀ ଦାସ ଦାବିପତ୍ର ପ୍ରଦାନ କରିଛନ୍ତି। ସେହିପରି ଗୁଛିଦା ସ୍ଲୁଇସ୍‌ରୁ ହୁଡ଼ାପାଳ ପର୍ଯ୍ୟନ୍ତ ରାସ୍ତାକୁ ସୁଉଚ୍ଚ କରିବା ପାଇଁ ପୂର୍ବରୁ ହୋଇଥିବା ଟେକନିକାଲ କମିଟିର ସର୍ଭେ ସଂପର୍କରେ ମଧ୍ୟ ଇଆଇସିଙ୍କୁ ଅବଗତ କରିବା ସହ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଛନ୍ତି। ଅପରପକ୍ଷରେ ଏହିସବୁ କାର୍ଯ୍ୟର ଡିପିଆର୍ ପ୍ରସ୍ତୁତି ଚାଲିଛି ଏବଂ ଖୁବଶୀଘ୍ର ଏହାର ବୈଷୟିକ କମିଟି ର ଅନୁମୋଦନ କରାଯାଇ କାର୍ଯ୍ୟ ଆରମ୍ଭ ହେବ ବୋଲି ଇଆଇସି ଶ୍ରୀ ମହାନ୍ତି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

